# ତହସିଲଦାରଙ୍କ କାର୍ଯ୍ୟାଳୟ, କଲମପୁର, ଜିଲ୍ଲା- କଳାହାଣ୍ଡି

**ଲଘୁ ଖଣିଜ ଉତ୍ସ ( ବାଲି ଖାଦାନ)ର 5 ବର୍ଷିଆ ଲିଜ୍ ନିମନ୍ତେ**

**ଜଉମୁଦ ଟେଣ୍ଡର ଆହ୍ୱାନ**

ଇସ୍ତାହାର ସଂଖ୍ୟା ...672.....// ତୌଜି                    ତା. ....04/.06....//2020

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କଳାହାଣ୍ଡି ଜିଲ୍ଲା ର କଲମପୁର ତହସିଲ ଅନ୍ତର୍ଗତ 18 ଗୋଟି ଲଘୁ ଖଣିଜ ଉତ୍ସ (ବାଲିଘାଟ) ର ନିଲାମ ଟେଣ୍ଡର ମାଧ୍ୟମରେ ଦୀର୍ଘମିଆଦି ସୂତ୍ରେ 5 ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଏଥିପାଇଁ ଫାରମ- 'M' ରେ ଇଚ୍ଛୁକ ବ୍ୟକ୍ତିମାନେ ତା. 05.06.2020 ରୁ ତା 20.06.2020 ଅପରାହ୍ନ ଘ. 1.30 ମଧ୍ୟରେ ତହସିଲ କାର୍ଯାଳୟର ରେ ଆବେଦନ କରିପାରିବେ । ପୃଥକ ସଇରାତ ଉତ୍ସ ପାଇଁ ପୃଥକ ଫାରମରେ ଟେଣ୍ଡର କାଗଜାତ ଦାଖଲ କରିବାକୁ ପଡିବ । ଫାରମ ଗୁଡ଼ିକ କଲମପୁର ତହସିଲ କାର୍ଯ୍ୟାଳୟର Drop Box ରେ ପକାଇ ପାରିବେ କିମ୍ବା ରେଜିଷ୍ଟର୍ଡ / ସ୍ପିଡ୍ ପୋଷ୍ଟ ଜରିଆରେ ପଠାଇପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବନାହିଁ । ସବିଶେଷ ବିବରଣୀ (ସର୍ତ୍ତାବଳୀ, ଚୟନ ପ୍ରଣାଳୀ ଇତ୍ୟାଦି) ଜାଣିବା ପାଇଁ ତହସିଲ କାର୍ଯ୍ୟାଳୟ (ତଉଜି ଶାଖା), ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ତଥା www.kalahandi.nic.in ୱେବସାଇଟ୍ ଲଗ୍‌ଅନ୍ କରନ୍ତୁ । ଏହି ଉତ୍ସ ଗୁଡ଼ିକ ମଧ୍ୟରୁ ଏକ ବା ଏକାଧିକ ଖଣିଜ ଉତ୍ସର ଟେଣ୍ଡର ପ୍ରକିୟା ନିମ୍ନସ୍ୱାକ୍ଷରକାରୀ କିମ୍ବା ତାଙ୍କ ଉଚ୍ଚ କର୍ତୃପକ୍ଷ ଦରଖାସ୍ତକାରୀଙ୍କୁ କାରଣ ନଦର୍ଶାଇ ରଦ୍ଦ କରି ପାରିବେ ।

04/06/2020

ତହସିଲଦାର,କଲମପୁର

ତହସିଲଦାର କଲମପୁର

# ତହସିଲଦାରଙ୍କ କାର୍ଯ୍ୟାଳୟ, କଲମପୁର, ଜିଲ୍ଲା- କଳାହାଣ୍ଡି

ଲଘୁ ଖଣିଜ ଉସ ( ବାଲି ଖାଦାନ)ର 5 ବର୍ଷିଆ ଲିଜ୍ ନିମନ୍ତେ

ଜଉମୁଦ ଟେଣ୍ଡର ଆହ୍ୱାନ

ଇସ୍ତାହାର ସଂଖ୍ୟା ......673...// ତୌଜି ତା. ......05/...06......//2020

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାର ଙ୍କ ରାଜସ୍ବ ବିଭାଗ ଅଧିନସ୍ଥ କଳାହାଣ୍ଡି ଜିଲ୍ଲା ର କଲମପୁର ତହସିଲ ଅନ୍ତର୍ଗତ 18 ଗୋଟି ଲଘୁ ଖଣିଜ ଉସ (ବାଲିଘାଟ) ର ନିଲାମ ଟେଣ୍ଡର ମାଧ୍ୟମରେ ଦୀର୍ଘମିଆଦି ସୂତ୍ରେ 5 ବର୍ଷ (2020-21 ରୁ 2024-25) ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଲିଜର ଅବଧି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ 2016 ଅନୁସାରେ ଶେଷ ପ୍ରକିୟା କରଣ (ପରିବେଶ ମଞ୍ଜୁରି) ଠାରୁ ଆରମ୍ଭ ହେବ । ଏଥିପାଇଁ ନିର୍ଦ୍ଧାରିତ ଫାରମ ନଂ “M” ରେ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ । ପୃଥକ ସଇରାତ ଉସ ପାଇଁ ପୃଥକ ଫାରମରେ ଟେଣ୍ଡର ଦାଖଲ କରିବାକୁ ପଡ଼ିବ । ଟେଣ୍ଡର ଫାରମ ତହସିଲ କାର୍ଯ୍ୟାଳୟ ର ତଉଜି ଶାଖାରେ ତା. 05.06.2020 ରୁ ତା. 20.06.2020 ଅପରାହ୍ନ ଘ. 1.30 ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସ ଓ ସମୟ ମଧ୍ୟରେ ମିଳିପାରିବ । ଲଘୁ ଖଣିଜ ଦ୍ରବ୍ୟ ନୀୟମ 2016 ର ଧାରା 16(7) ଅନୁସାରେ ସମସ୍ତ କାଗଜାତ ସଂଲଗ୍ନ କରି ଫାରମ ଗୁଡ଼ିକ କଲମପୁର ତହସିଲ କାର୍ଯ୍ୟାଳୟର Drop Box ରେ ନିର୍ଘଣ୍ଟ ତାରିଖ ଓ ସମୟ ମଧ୍ୟରେ ପକାଇବେ କିମ୍ବା ଫାରମ ଗୁଡ଼ିକ ରେଜିଷ୍ଟର୍ଡ / ସ୍ପିଡ୍ ପୋଷ୍ଟ ଜରିଆରେ ଧାର୍ଯ୍ୟ ତାରିଖ ମଧ୍ୟରେ ଅର୍ଥାତ୍ ତା. 20.06.2020 ଅପରାହ୍ନ ଘ. 1.30 ଘଟିକା ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଉକ୍ତ ସମୟ ଅବଧିପରେ କୌଣସି ଟେଣ୍ଡର ପେପର୍ ଗ୍ରହଣୀୟ ନୁହେଁ । ଡ଼ାକ ଜନୀତ ବିଳମ୍ବ ଯୋଗୁଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଟେଣ୍ଡର ପେପର ଭର୍ତ୍ତି ହୋଇଥିବା ଲଫାପା ଉପରେ “କଲମପୁର ତହସିଲ ଅନ୍ତର୍ଗତ ........................ ମୌଜାସ୍ଥିତ ................................ ଉସ ନିଲାମ ପାଇଁ ଆବେଦନ” ଲେଖା ରହିବା ଆବଶ୍ୟକ ଅଟେ ।

ତା. 22.06.2020 ରିଖ ପୂର୍ବାହ୍ନ ଘ. 11.00 ଘଟିକା ସମୟରେ ତହସିଲଦାର, କଲମପୁରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଟେଣ୍ଡର କମିଟି ଓ ଆବେଦନକାରୀ (କିମ୍ବା ତାଙ୍କ ପ୍ରତିନିଧି)ଙ୍କ ଉପସ୍ଥିତିରେ ଟେଣ୍ଡର ପେପର୍ ଖୋଲାଯିବ । ଅସମ୍ପୂର୍ଣ୍ଣ ଫାରମ କିମ୍ବା ଆବଶ୍ୟକୀୟ କାଗଜାତ ସଂଲଗ୍ନ ନଥିବା ଫାରମ ଗ୍ରହଣୀୟ/ବିଚାର ଯୋଗ୍ୟ ହେବ ନାହିଁ । ଆବଶ୍ୟକ ସଂଲଗ୍ନକ (କ) ଫାରମ-M (ସମ୍ପୂର୍ଣ୍ଣ ରୂପେ ପୂରଣ ହୋଇଥିବା ଆବଶ୍ୟକ) (ଖ) ଦରଖାସ୍ତ ଫି (fee) ବାବଦରେ ଟ୍ରେଜେରୀ ଚାଲାଣ ଜରିଆରେ ଟ.1000/- ପୈଠ କରି ଚାଲାଣ କପି ସଂଲଗ୍ନ କରିବେ (ଫେରସ୍ତ ଦିଆଯିବ ନାହିଁ) Head of Account No- 0853-Non-ferrous mining metrological industries (102) mineral, concession fees & royalty (ଗ) ଆବଶ୍ୟକ Bank Guarantee (B.G) 18 ମାସର ଅବଧି ଥାଇ ସାରଣୀ ‘କ’ ରେ ଦର୍ଶାଯାଇଥିବା ପରିମାଣ ମୁତାବକ ହୋଇଥିବା ଆବଶ୍ୟକ (ଘ) ଆବଶ୍ୟକ E.M.D (Bank Draft) ଆକାରରେ ନିମ୍ନ ସାରଣୀ ରେ ଦର୍ଶାଯାଇଥିବା ପରିମାଣ ମୁତାବକ ପଇଠ କରିବେ ଯାହାକି (SD) ସିକ୍ୟୁରିଟି ପାଣ୍ଠି ବାବଦକୁ adjustment କରାଯାଇପାରିବ । ଯଦି successful bidder ଲିଜ ପ୍ରସ୍ତାବ ଅଗ୍ରାହ୍ୟ କରନ୍ତି ଯେବେ ଉକ୍ତ ଅର୍ଜିତ ରାଶି (EMD) ଫେରସ୍ତ ନ ହୋଇ ସରକାରଙ୍କୁ forfeited କରି 2ୟ ସ୍ଥାନରେ ଥିବା ବ୍ୟକ୍ତିଙ୍କୁ ଲିଜ୍ ପ୍ରକ୍ରିୟା ଆମନ୍ତ୍ରଣ କରାଯିବ ଏବଂ unsuccessful bidder ଙ୍କ EMD ଫେରସ୍ତ କରାଯିବ । (ଙ) ପୂର୍ବରୁ କୌଣସି ଖଣିଜାତ ଦେୟ ବକେୟା ନଥିବା ସମ୍ବନ୍ଧେ Affidavit ଜରିଆରେ ଦାଖଲ ଦେବେ (ଚ) ଖଣିଜ ସମ୍ପଦ ଆଇନାନୁଯାୟୀ କୌଣସି ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇ ନଥିବା ସମ୍ବନ୍ଧେ ପ୍ରମାଣ ପତ୍ର Affidavit ଜରିଆରେ ଦାଖଲ

କରିବେ (ଛ)ସମସ୍ତ ସ୍ଥାବର ସମ୍ପତ୍ତିର ତାଲିକା ସହିତ ବୈଷୟିକ ଜ୍ଞାନ ଦକ୍ଷତା ତଥା ଉପଲବ୍ଧ ଥିବା ଯନ୍ତ୍ରପାତି ଇତ୍ୟାଦି ସମ୍ପର୍କିତ ତଥ୍ୟ ଦେବେ । (ଜ) ଉତ୍ସ ଗୁଡିକୁ ଯିବା ରାସ୍ତା କୌଣସି ବ୍ୟକ୍ତିଙ୍କର ରୟତି ଜମି ସହିତ ସଂଲଗ୍ନ ଥାଏ ତେବେ ଉକ୍ତ ବ୍ୟକ୍ତିଙ୍କର ସମ୍ମତି ପତ୍ର ଟେଣ୍ଡର ପତ୍ର ସହିତ ଦାଖଲ କରିବେ । (ଝ) ଉତ୍ସ ର 2 ଗୋଟି ନକ୍ସା (Sketch Map)ଫାରମ ସହିତ ସଂଲଗ୍ନ କରିବେ । (ଞ) ଆବେଦନକାରୀ 'M' ଫର୍ମ ସହିତ G.S.T Clearance ସଂଲଗ୍ନ କରିବେ ।

## ଖଣିଜ ଉତ୍ସର ତଫସିଲ ଭୁକ୍ତ ଜମିର ବିବରଣୀ ତଥା ତତ୍ ସମ୍ବନ୍ଧୀୟ ଅନ୍ୟାନ୍ୟ ବିବରଣୀ

## (ସାରଣୀ- 'କ')

| କ୍ର. ନଂ | ବାଲିଘାଟ ର ନାମ | ଖାତା ନଂ. | ପ୍ଲଟ ନଂ. | ଲିଜ୍ ଏରିଆ (in Acre) | ସର୍ବାଧିକ ନିଶ୍ଚିତ ପରିମାଣ (M.G.Q) ଘନମିଟରରେ | ରୋୟାଲଟି ପ୍ରତି ଘନମିଟରରେ (in Rs.) | ଅତିରିକ୍ତ ଦେୟ Minimum Addl. Charges (in Rs.) | ବ୍ୟାଙ୍କ ଗ୍ୟାରେଣ୍ଟି (Bank Guarantee) (BG) (Additional charges + Royalty) X MGQ (in Rs.) | ଅର୍ଜିତ ରାଶି (EMD) (5% of the MGQ) (in Rs.) |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | ଖଙ୍ଗାରଗୁଡା ବାଲିଘାଟ | 182 | 197 | 12.00 | 1000 | 35.00 | 45.00 | 80000.00 | 4000.00 |
| 2 | ପାଣି ଗାଁ ବାଲିଘାଟ | 315 | 1485 | 3.65 | 700 | 35.00 | 45.00 | 56000.00 | 2800.00 |
| 3 | ବଡକୁଟ୍ଟ ବାଲିଘାଟ | 326 | 1458 | 2.84 | 700 | 35.00 | 45.00 | 56000.00 | 2800.00 |
| 4 | ଦେପୁର ବାଲିଘାଟ | 336 | 1 | 12.00 | 1200 | 35.00 | 45.00 | 96000.00 | 4800.00 |
| 5 | ପାତ୍ରବସା ବାଲିଘାଟ | 200 | 1 | 12.00 | 1000 | 35.00 | 45.00 | 80000.00 | 4000.00 |
| 6 | ବାଲିଛଡା ବାଲିଘାଟ | 194 | 90 | 11.00 | 1000 | 35.00 | 45.00 | 80000.00 | 4000.00 |
| 7 | ମଣ୍ଡଳ ବାଲିଘାଟ | 373 | 1305 | 10.00 | 1000 | 35.00 | 45.00 | 80000.00 | 4000.00 |
| 8 | ଖଣ୍ଡିତଙ୍ଗରୀଗୁଡା ବାଲିଘାଟ | 176 | 883 | 8.00 | 1000 | 35.00 | 45.00 | 80000.00 | 4000.00 |
| 9 | ଦୁଲକିବନ୍ଧ ବାଲିଘାଟ | 9 | 1 | 2.54 | 700 | 35.00 | 45.00 | 56000.00 | 2800.00 |
| 10 | ଦୁଲକିବନ୍ଧ ବାଲିଘାଟ | 9 | 1056 | 3.70 | 700 | 35.00 | 45.00 | 56000.00 | 2800.00 |
| 11 | ସାନକୁଟ୍ଟୁ ବାଲିଘାଟ | 128 | 251 | 2.32 | 700 | 35.00 | 45.00 | 56000.00 | 2800.00 |
| 12 | କର୍ମେଲ ବାଲିଘାଟ | 200 | 360 | 3.00 | 700 | 35.00 | 45.00 | 56000.00 | 2800.00 |
| 13 | କର୍ମେଲ ବାଲିଘାଟ | 200 | 839 | 4.00 | 700 | 35.00 | 45.00 | 56000.00 | 2800.00 |
| 14 | ପରୁଆଗୁଡା ବାଲିଘାଟ | 314 | 1 | 5.00 | 700 | 35.00 | 45.00 | 56000.00 | 2800.00 |
| 15 | ଇଛାପୁର ବାଲିଘାଟ | 236 | 53 | 9.00 | 1000 | 35.00 | 45.00 | 80000.00 | 4000.00 |
| 16 | ବିରିପୁର ବାଲିଘାଟ | 65 | 21 | 5.50 | 700 | 35.00 | 45.00 | 56000.00 | 2800.00 |
| 17 | ବଙ୍କାପଲା ବାଲିଘାଟ | 262 | 2 | 4.00 | 700 | 35.00 | 45.00 | 56000.00 | 2800.00 |
| 18 | ବଙ୍କାପଲା ବାଲିଘାଟ | 262 | 794 | 4.50 | 700 | 35.00 | 45.00 | 56000.00 | 2800.00 |

**ଚୟନ ପ୍ରଣାଳୀ**

(1) ଅସମ୍ପୂର୍ଣ୍ଣ ଅଥବା ଆବଶ୍ୟକୀୟ କାଗଜାତ ସଂଲଗ୍ନ ହୋଇନଥିବା ଦରଖାସ୍ତ ଗୁଡିକୁ ନାକଚ କରାଯିବ ।

(2) ଯଦି ଦୁଇଜଣ ଆବେଦନକାରୀଙ୍କ ଅତିରିକ୍ତ ଦେୟ ମୂଲ୍ୟାଙ୍କ ସମାନ ହୁଏ ତେବେ ଧର୍ମଗୁଳା ସାହାଯ୍ୟରେ ଲିଜ ପଟ୍ଟାଦାର (Leasee)ଚୟନ କରାଯିବ ।

(3) ଯୋଗ୍ୟ ବିବେଚିତ ବ୍ୟକ୍ତି ବାଲି ଖାଦାନ ପାଇଁ ଘନମିଟର ପିଛା ନିର୍ଦ୍ଧାରିତ ରୟାଲଟି ଓ ଭୂମିପୃଷ୍ଠ ଖଜଣା (surface rent)ବ୍ୟତୀତ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ଦର, ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି ଏବଂ ପରିବେଶ ଉନ୍ନୟନ ପାଣ୍ଠି ବାବଦକୁ ଯଥାକ୍ରମେ ରୟାଲଟି ଦେୟର 10% ଓ 5% ହିସାବ (ଦର) ରେ ପ୍ରତ୍ୟେକ ଆର୍ଥିକ ବର୍ଷ ଏକକାଳୀନ ପରିଚାଳନା ପୂର୍ବରୁ ପୈଠକରିବାକୁହେବ।

(4) ଦରଖାସ୍ତ କେବଳ ଲଘୁ ଖଣିଜ ଦ୍ରବ୍ୟର ଘନମିଟର ପିଛା ଅତିରିକ୍ତ ଦେୟ (Additional charge) ସ୍ପଷ୍ଟ ଭାବରେ ଉଲ୍ଲେଖ ଥିବା ଆବଶ୍ୟକ ।

(5) ଅର୍ଜିତ ରାଶି (EMD) ବାଲି ପାଇଁ 5% of BG (Bank Guarantee) ବ୍ୟାଙ୍କଡ୍ରାଫ୍ଟ ଜରିଆରେ ତହସିଲଦାର, କଲମପୁରଙ୍କ ପ୍ରାପ୍ୟ ପାଇଁ ଫାରମ ନଂ- M ରେ ସଂଲଗ୍ନ କରିବେ ।

(6) ସାରଣୀ ରେ ଦର୍ଶାୟାଇଥିବା ପରିମାଣର ବ୍ୟଙ୍କ ଗ୍ୟାରେଣ୍ଟି (BG) ଯାହାର ଅବଧି 18 ମାସ ଥିବ ତାହା ଫାରମ "M" ସହିତ ସଂଲଗ୍ନ କରିବେ ।

(7) ଟେଣ୍ଡର ପାଇଁ ବିଜ୍ଞାପନ ଖର୍ଚ୍ଚ ମାଇନିଂ ପ୍ଲାନ ଓ ପରିବେଶ ମଞ୍ଜୁରୀ ସଫଳ ନିଲାମଧାରୀ ମାନେ ବହନ କରିବେ ।

**ସର୍ତ୍ତାବଳୀ**

1. ସର୍ବାଧିକ ଅତିରିକ୍ତ ଦେୟ (Addl. Charge) ମୂଲ୍ୟାଙ୍କ କରିଥିବା ବ୍ୟକ୍ତିକୁ ଟେଣ୍ଡର ପ୍ରକ୍ରିୟାର 07 ଦିନ ମଧ୍ୟରେ 5 ବର୍ଷିଆ ଲିଜ ପାଇଁ ଜଣାଇ ଦିଆଯିବ ଯାହାକୁ ସେ ଜଣାଇବାର 15 ଦିନ ମଧ୍ୟରେ ଏହି କାର୍ଯ୍ୟାଳୟକୁ ଉକ୍ତ ଲିଜ ପ୍ରକ୍ରିୟା ପ୍ରସ୍ତାବ ଓ ତଦ୍ ସମ୍ବନ୍ଧୀ ସର୍ତ୍ତାବଳୀ ଗ୍ରହଣୀୟ ବୋଲି ଲିଖିତ ସୂଚନା ଦେବେ । ଯଦି ସେ ସମୟସୀମା ମଧ୍ୟରେ ଲିଖିତ ସୂଚନା ନ ଦିଅନ୍ତି ତେବେ ଅତିରିକ୍ତ ଦେୟ ମୂଲ୍ୟାଙ୍କର 2ୟ ସ୍ଥାନର ବ୍ୟକ୍ତିକୁ ଲିଜ ପ୍ରକ୍ରିୟା ପାଇଁ ଆମନ୍ତ୍ରଣ କରାଯିବ । ଯଦି 1ମ ଓ 2ୟ ବ୍ୟକ୍ତି ଲିଜ ପ୍ରକ୍ରିୟାରେ ଅନିଚ୍ଛୁକ ହୁଅନ୍ତି ତେବେ ସଂପୃକ୍ତ ବାଲିଘାଟକୁ ପୁନର୍ବାର ଟେଣ୍ଡର ପ୍ରକ୍ରିୟାରେ ସାମିଲ କରାଯିବ ।

2. ଲିଜ ପ୍ରକ୍ରିୟା ଆରମ୍ଭ କରିବାର ସୂଚନା ସହିତ ସଂପୃକ୍ତ ବ୍ୟକ୍ତି ରୋୟାଲିଟି ଅତିରିକ୍ତ ଦେୟ ଓ ଜିଲ୍ଲା ଖଣିଜ ଦ୍ରବ୍ୟ ପାଣ୍ଠି ହାରାହାରୀ ବାର୍ଷିକ ଦେୟର ଏକ ଚତୁର୍ଥାଂଶ ପାଣ୍ଠି ସିକ୍ୟୁରିଟି ପାଣ୍ଠି ଆକାରରେ ପଇଠ କରିବେ ଯାହାକି ଲିଜ ଅବଧି ପରେ କୌଣସି ଦେୟ ବାକିଆ ନଥିଲେ ଫେରସ୍ତ କରି ଦିଆଯିବ ।

3. ଚୁଡାନ୍ତ ଦରଖାସ୍ତକାରୀ ଲିଜ ପ୍ରକ୍ରିୟା ପ୍ରସ୍ତାବ ଗ୍ରହଣ କରିବାର 30 ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ଅନୁମୋଦିତ RQP ଙ୍କ ମାଇନିଂପ୍ଲାନ ଏବଂ SEIAA ଠାରୁ ପରିବେଶ (Environment Clearance) ଓ Pollution Control Board ଠାରୁ Pollution Clearance ଦାଖଲ କରିବେ ।

4. Indian Registration Act. ରେ ମାଇନିଂ ପ୍ଲାନ ଅନୁଯାୟୀ ଲିଜ ଅବଧି ମଧ୍ୟରେ ସର୍ବନିମ୍ନ ନିଶ୍ଚିତ ପରିମାଣର ଲଘୁଖଣିଜର ସମସ୍ତ ସରକାରୀ ଦେୟରେ ହିସାବକୁ ନେଇ ଫାରମ ଏନ୍ (N) ରେ ଲିଖିତ ଚୁକ୍ତିନାମା ନିବନ୍ଧନ କରିବେ । ଚୁକ୍ତିନାମାର ମୂଳ ନକଲ ତହସିଲ କାର୍ଯ୍ୟାଳୟରେ ଦାଖଲ କରି ତାହାର ଏକ ନକଲ ଲିଜ୍ ଧାରୀ ନେଇପାରିବେ ।

5. ଲିଜଧାରୀ ନିଜ ଖର୍ଚ୍ଚରେ ଲିଜ ଏରିଆ ଚିହ୍ନଟ କରି ଲିଜସୀମାର ଚର୍ତୁପାର୍ଶ୍ୱରେ ଅତିକମ୍ ରେ 10 ଟି ଖମ୍ବ ପୋତି (ମାଟି ତଳେ 2 ଫୁଟ ଓ ମାଟି ଉପରେ 1 ଫୁଟ) ଉପର ଅଂଶକୁ ନାଲି ରଙ୍ଗରେ ପ୍ରଦର୍ଶନ କରି ଲିଜ ଫଳକର ବ୍ୟବସ୍ଥା କରିବେ ।

6. ଲିଜ ଟେଣ୍ଡର ପ୍ରକ୍ରିୟାରେ ସନ୍ତୁଷ୍ଟ ନ ହେଲେ ଜିଲ୍ଲାପାଳ, କଳାହାଣ୍ଡି ଆଂଶିକ ବା ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ରଦ୍ଦ କରି ଦେଇ ପାରିବେ ।

7. ଲିଜ ଚୁକ୍ତିନାମା Registration ପରେ ଲିଜଧାରୀଙ୍କୁ ପ୍ରଥମ ଆଂଶିକ ବର୍ଷ ପରେ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ପାଇଁ ସରକାରୀ ଦେୟ ଏକକାଳୀନ ଦେବାକୁ ପଡ଼ିବ । ମାଇନିଂ ପ୍ଲାନରେ ଉଲ୍ଲିଖିତ ପରିମାଣର ଲଘୁ ଖଣିଜ ଦ୍ରବ୍ୟ ପରିବହନ ପାଇଁ ଆବଶ୍ୟକ ଅନୁଜ୍ଞାପତ୍ର (Transit Pass) ନିର୍ଦ୍ଧାରିତ ମୂଲ୍ୟବଦଳରେ ଯୋଗାଇ ଦିଆଯିବ ।

8. ମାଇନିଂ ପ୍ଲାନର ଧାର୍ଯ୍ୟ ପରିମାଣର ଲଘୁ ଖଣିଜ ଦ୍ରବ୍ୟର ସମସ୍ତ ସରକାରୀ ଦେୟ ପରବର୍ତ୍ତି ଆର୍ଥିକ ବର୍ଷ ପାଇଁ ପୂର୍ବ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପୈଠ କରିବାକୁ ପଡ଼ିବ ।

9. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନର ତ୍ରୟ ମାସିକ ଏହି କାର୍ଯ୍ୟାଳୟରେ ହିସାବ ଦାଖଲ କରିବେ ।

04/06/2020

ତହସିଲଦାର, କଳମପୁର

ଜ୍ଞାପକ ସଂଖ୍ୟା 695 ତା 04/06/2020

ଏହାର ଏକକିତା ନକଲ ଜିଲ୍ଲା ଲୋକ ସୂଚନା ଓ ଲୋକ ସଂମ୍ପର୍କ ଅଧିକାରୀ, କଳାହାଣ୍ଡି ଙ୍କ ନିକଟକୁ ପ୍ରେରଣ କରାଗଲା । ଏହାକୁ ତା 06.06.2020 ରିଖ ରାଜ୍ୟସ୍ତରୀୟ ପ୍ରକାଶନରେ ପ୍ରକାଶ କରିବା ପାଇଁ ଅନୁରୋଧ ।

ଏହାର ଏକକିତା ନକଲ D.I.O, N.I.C, Kalahandi ନିକଟକୁ ଜିଲ୍ଲା ୱେବସାଇଟ୍ ରେ ପ୍ରକାଶ (upload) କରିବା ପାଇଁ ଅନୁରୋଧ କରି ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ସଂପୃକ୍ତ ଗ୍ରାମ ପଞ୍ଚାୟତର ଅବଗତି ଏବଂ ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ଉପଜିଲ୍ଲାପାଳ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସୂଚନା ଫଳକରେ ଛାପିବା ନିମନ୍ତେ ଅନୁରୋଧ କରି ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କଳମପୁର ଙ୍କ ସୂଚନା ଫଳକରେ ଛାପିବା ନିମନ୍ତେ ଅନୁରୋଧ କରି ପ୍ରେରଣ କରାଗଲା ।

04/06/2020

ତହସିଲଦାର, କଳମପୁର